Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 187
Saturday, 12 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୧୨ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

# ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ୫ ଶିଶୁ ଓରାଙ୍ଗଉଟାନ୍‌କୁ ଫେରାଇ ନେବାକୁ ଇଣ୍ଡୋନେସିଆ ତତ୍ପର

ଭୁବନେଶ୍ୱର, ୧୧/୯ (ଆ.ପ୍ର) : ବାଲେଶ୍ୱରରୁ ଉଦ୍ଧାର ୫ ଶିଶୁ ଓରାଙ୍ଗଉଟାନ୍ କୁ ଫେରାଇ ନେବାକୁ ଇଣ୍ଡୋନେସିଆ ତତ୍ପର । ଇଣ୍ଡୋନେସିଆର ବନ ମନ୍ତ୍ରଣାଳୟ ଭାରତୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଛି । ଘଟଣାକୁ ଗୁରୁତ୍ୱର ସହ ନେଇ ଇଣ୍ଡୋନେସିଆ ବନ ମନ୍ତ୍ରଣାଳୟ ଭାରତର CITES Management Authority, ଜାକାର୍ତ୍ତାସ୍ଥିତ ଭାରତୀୟ ଦୂତାବାସ ଏବଂ ନୂଆଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସ ସହ ଯୋଗାଯୋଗ ଆରମ୍ଭ କରିଛି । ଏହା ସହ ଇଣ୍ଡୋନେସିଆର National Research and Innovation Agency (BRIN), କୃଷି ମନ୍ତ୍ରଣାଳୟ ଏବଂ ଓରାଙ୍ଗଉଟାନ୍ ସଂରକ୍ଷଣ କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ସଂଗଠନକୁ ମଧ୍ୟ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି । ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ୫ଟି ଓରାଙ୍ଗଉଟାନ୍ କୁ ସୁରକ୍ଷିତ ଭାବେ ଇଣ୍ଡୋନେସିଆକୁ ଫେରାଇ ନେବା ଲକ୍ଷ୍ୟ । ଇଣ୍ଡୋନେସିଆକୁ ଫେରିବା ପରେ ସେମାନଙ୍କୁ ସିଧାସଳଖ ଜଙ୍ଗଲରେ ଛଡ଼ାଯିବ ନାହିଁ । ପ୍ରଥମେ



ସ୍ୱାସ୍ଥ୍ୟ ପରୀକ୍ଷା ଓ କ୍ୱାରେଂଟାଇନ୍ କରାଯିବ । ଏହାପରେ ଜେନେଟିକ୍ ଚିହ୍ନଟ ଓ ଆଚରଣଗତ ମୂଲ୍ୟାୟନ କରାଯାଇ ପ୍ରତ୍ୟେକ ଓରାଙ୍ଗଉଟାନ୍ ପାଇଁ ପୁନର୍ବାସ ପ୍ରକ୍ରିୟା ଆରମ୍ଭ ହେବ । ପରବର୍ତ୍ତୀ ସମୟରେ ସେମାନେ ଆବଶ୍ୟକ ମାନଦଣ୍ଡ ପୂରଣ କଲେ ନିଜ ପ୍ରାକୃତିକ ଆବାସସ୍ଥଳୀକୁ ଫେରାଇବା ବିଷୟରେ ବିଚାର କରାଯିବ । ସେମାନଙ୍କ ପ୍ରକୃତ ଉତ୍ପତିସ୍ଥଳ ଚିହ୍ନଟ ଏବଂ ଏହି ଘଟଣା ପଛରେ କୌଣସି ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ଚୋରାଚାଲାଣ ନେଟୱାର୍କ ରହିଛି କି ନାହିଁ, ତାହାର ତଦନ୍ତରେ ମଧ୍ୟ ସହଯୋଗ କରିବ ଇଣ୍ଡୋନେସିଆ । ସୁମାତ୍ରାରୁ ଆସିଛନ୍ତି କି ୫ ବଣ ମଣିଷ ? ଓରାଙ୍ଗଉଟାନ୍ ଗୁଡ଼ିକର ଶାରୀରିକ ଗଠନ ଓ ବାହ୍ୟ ବୈଶିଷ୍ଟ୍ୟ ଦେଖି ସେମାନେ ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରୁ ଆସିଥାଇପାରନ୍ତି ବୋଲି ପ୍ରାଥମିକ ଅନୁମାନ କରାଯାଉଛି । କିନ୍ତୁ ଏହା ଏଯାଏଁ ଚୂଡ଼ାନ୍ତ ହୋଇନାହିଁ । ପୂର୍ବତନ ଡଇଉର ସୁଶାନ୍ତ ନନ୍ଦଙ୍କ ସହ ଅଧିକ ଆଲୋଚନା କରିଛନ୍ତି ଆମ ରିପୋର୍ଟର ଶ୍ରୀଧର ଆଚାର୍ଯ୍ୟ । ନନ୍ଦନକାନନରେ ଥିବା ୫ ଓରାଙ୍ଗଉଟାନ ଛୁଆ ମୂଳ ଦେଶକୁ ଫେରିବେ କି ନାହିଁ, ଏବେ ନିଶ୍ଚିତ ହୋଇନି । ସୂଚନା ଦେଇଛନ୍ତି ପିସିସିଏଫ ପ୍ରେମ କୁମାର ଝା । ନନ୍ଦନକାନନରେ ଓରାଙ୍ଗଉଟାନମାନେ ସୁସ୍ଥ ଅଛନ୍ତି । ଧୀରେ ଧୀରେ ସେମାନେ ପରିବେଶ ସହ ଖାପ ଖୁଆଇବାକୁ ଚେଷ୍ଟା କରୁଛନ୍ତି । ଓରାଙ୍ଗଉଟାନ କେଉଁଠୁ ଅସିଥିଲେ, କିଏ ଆଣିଥିଲା ସେ ନେଇ ବାଲେଶ୍ୱର ବନ ବିଭାଗ ଓ ଏସଟିଏଫ ମିଳିତ ତଦନ୍ତ କରୁଛନ୍ତି । ତେବେ ମୂଳଦେଶକୁ ଏମାନଙ୍କୁ ପଠାଯିବ ନା ନାହିଁ ତାହା ନିଶ୍ଚିତ ହୋଇନି । ପରବର୍ତ୍ତୀ ସମୟରେ ଏ ନେଇ ଆଲୋଚନା ହେବ ବୋଲି କହିଛନ୍ତି ପିସିସିଏଫ୍ । ଓରାଙ୍ଗଉଟାନଙ୍କ ୨୪ ଘଂଟିଆ ଫୁଟେଜ୍ କୁ ନନ୍ଦନକାନନର ଉପନିର୍ଦ୍ଦେଶକ, ନିର୍ଦ୍ଦେଶକ ଓ ପିସିସିଏଫ୍ ନିୟମିତ ଅନୁଧ୍ୟାନ କରୁଛନ୍ତି ।

# ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ୟୁଏଇରେ 'ଦୁବାଇ ରୋଡ୍‌ସୋ'

ଦୁବାଇ/ଭୁବନେଶ୍ୱର, ୧୧/୯ (ଆ.ପ୍ର) : ଓଡ଼ିଶାର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ୟୁଏଇ ନିବେଶକମାନଙ୍କୁ ସହଭାଗୀ ହେବା ପାଇଁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ଦୁବାଇରେ ଆୟୋଜିତ ଓଡିଶା ନିବେଶକ ସମ୍ମିଳନୀ-ୟୁଏଇ- ୨୦୨୬ ରେ ପ୍ରାୟ ୪୦୦ ଜଣ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି, ବନ୍ଦର, ଶିଳ୍ପ ଭିତିଭୂମି, ଦକ୍ଷ ମାନବ ସମ୍ବଳ ଓ ନିବେଶ ଅନୁକୂଳ ପରିବେଶକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏଲଏନଜି ଷ୍ଟୋରେଜ୍, ଗ୍ରୀନ୍ ଏନର୍ଜି, କୃତ୍ରିମ ବୁଦ୍ଧିମତା ଡାଟା ସେଂଟର, ରେୟାର୍ ଆର୍ଥ୍, ଜାହାଜ ମରାମତି, ପ୍ରୋପେଲାଂଟ ଉତ୍ପାଦନ, ସାର ଓ ରସାୟନ, ହାଉସିଂ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା ହୋଇଥିଲା । ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ସ୍ପିଡ୍, ସର୍ଟେନିଟି ଆଣ୍ଡ ଏକ୍ସିକ୍ୟୁସନ( ଶୀଘ୍ର, ନିଶ୍ଚିତତା ଓ କାର୍ଯ୍ୟାନ୍ୱୟନ) ନୀତି ଉପରେ ଗୁରୁତ୍ୱ ଦେଇ ନିବେଶକମାନଙ୍କୁ ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ସରକାରୀ ସହଯୋଗର ଆଶ୍ୱାସନ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଓ ୟୁଏଇର ପ୍ରମୁଖ ଶିଳ୍ପପତିମାନେ ଉପସ୍ଥିତ ଥିଲେ । ଦୁବାଇ ରୋଡ୍ ଶୋ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟି ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛିଙ୍ଫ

# ଲୋକଙ୍କ ଉପରେ ଏବେ ଇ-ଚାଲାଣ ବୋଝ

ବ୍ରହ୍ମପୁର, ୧୧/୯ (ଆ.ପ୍ର) : ଇଂରେଜ ଅମଳର ସହର ବ୍ରହ୍ମପୁର । ପୁରୁଣା ସହର ହୋଇଥିଲେ ବି ଆଖିଦୃଶିଆ ବିକାଶ ହୋଇନାହିଁ । ଜନସଂଖ୍ୟା ବୃଦ୍ଧି ପାଉଛି, ସେ ଅନୁସାରେ ଭିତିଭୂମିର ବିକାଶ ହେଉନି । ସହରର ସବୁଠାରୁ ବଡ଼ ସମସ୍ୟା ପାଲଟିଛି ଟ୍ରାଫିକ ବ୍ୟବସ୍ଥା । ସହରର ଟ୍ରାଫିକ ସମସ୍ୟା ଠାରୁ ବଳି ଯାଇଛି ଇ-ଚାଲାଣ ବ୍ୟବସ୍ଥା । ଆଉ ଏହା ସହରବାସୀଙ୍କ ମୁଣ୍ଡବ୍ୟଥାର କାରଣ ସାଜିଛି । ବ୍ରିଟିଶ ଅମଳର ଅସଂଯୋଜିତ ସହର ବ୍ରହ୍ମପୁର । ଦିନକୁ ଦିନ ବଢୁଥିବା ଜନସଂଖ୍ୟା ତୁଳନାରେ ସହରର ସମ୍ପ୍ରସାରଣ ନାମକୁ ମାତ୍ର । ଖାଲଖମା ଏବଂ ଅଣ ଓସାରିଆ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି । ଏଭଳିସ୍ଥିତିରେ ଟ୍ରାଫିକ ସମସ୍ୟାର ସମାଧାନ ଲାଗି ବାଟ ପାଉନି ପ୍ରଶାସନ । ଏଥିରେ ଏବେ ନୂଆ ସମସ୍ୟା ଭାବେ ଭାବେ ମୁଣ୍ଡ ଟେକିଛି ଇ-ଚାଲାଣ ବ୍ୟବସ୍ଥା । ସହର ଓ ଉପକଣ୍ଠ ରାଜ୍ୟ ରାଜପଥରେ ଲାଗିଥିବା କ୍ୟାମେରାରେ ଓଭର ସ୍ପିଡ୍ ଓ ଡବଲ ହେଲମେଟ ନଥିଲେ କଟୁଛି ଫାଇନ । ନୂଆ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ ନକରି ଏଭଳି ଫାଇନ ଆଦାୟକୁ ନିନ୍ଦା କରିଛନ୍ତି ବୁଦ୍ଧିଜୀବୀ । ରାଜ୍ୟ ରାଜପଥ ଓ ଜାତୀୟ ରାଜପଥରେ ଗାଡ଼ିର ସ୍ପିଡ୍ ଲିମିଟ ପାଇଁ ରହିଥିବା ସରକାରୀ ନିୟମ କେବଳ କାଗଜପତ୍ରରେ ସୀମିତ । ହେଲମେଟ ବ୍ୟବହାରର ସଠିକ୍ ବିବରଣୀ ସମ୍ପର୍କରେ ଚାଳକଙ୍କୁ ଅବଗତ କରାଯାଉନାହିଁ । ଗତ ୮ ମାସ ମଧ୍ୟରେ ବିନା ହେଲମେଟ୍ ଲାଗି ୧୧,୯୩୨, ଦ୍ରୁତଗତି ପାଇଁ ୧୦,୩୧୫, ମଦ୍ୟପ ଚାଳକ ୧୨୪୯, ଟ୍ରିପଲ୍ ରାଇଡିଂ ୫୮୮ ଓ ସିଟ୍ ବେଲ୍ଟ ଲାଗି ୪୩୮ ଜଣଙ୍କ ଚାଲାଣ କଟିଛି । ମୋଟ ୩୭ହଜାର ୧୭୦ଟି ଚାଲାଣ ବାବଦରୁ ୧୩,୩୩,୩୨,୩୪୩ ଟଙ୍କା ରାଜସ୍ୱ ଆଦାୟ ହୋଇଛି । ପ୍ରଥମେ ଭିତିଭୂମି ସୁଦୃଢ଼ କରି ରାସ୍ତାଘାଟ ସଜାଡ଼, ସୂଚନା ଫଳକ ଲଗାଇ ଲୋକଙ୍କୁ ସଚେତନ କର, ତାପରେ ଇ-ଚାଲାଣ ନାଁରେ ସର୍ବନିମ୍ନ ରାଜସ୍ୱ ଆଦାୟ ହେଉ ବୋଲି ଦାବି କରିଛି ମାନବ ଅଧିକାର ସୁରକ୍ଷା ମଂଚ । ଦାବିଗୁଡ଼ିକ ବିଚାରକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ବ୍ରହ୍ମପୁର ଉପଜିଲ୍ଲାପାଳ । ଲୋକଙ୍କ ଦାବି ଉପରେ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ୮ ବିଧାୟକଙ୍କ ସଦସ୍ୟତା ରଦ୍ଦ ଲାଗି ହାଇକୋର୍ଟ ଗଲା ବିଜେଡ଼ି



ଭୁବନେଶ୍ୱର, ୧୧/୯ (ଆ.ପ୍ର) : ରାଜ୍ୟସଭା କ୍ରସ୍ ଭୋଟିଂ ପ୍ରସଙ୍ଗକୁ ନେଇ ସରଗରମ ରାଜ୍ୟ ରାଜନୀତି । ନିଲମ୍ବିତ ବିଧାୟକଙ୍କୁ ପୁଣି ଥରେ ଦଳକୁ ଫେରାଇ ଆଣିବା ପାଇଁ ଭିତିରି ଆଲୋଚନା ଚାଲିଥିବା ଚର୍ଚ୍ଚା ଭିତରେ, ଆଇନଗତ କାର୍ଯ୍ୟାନୁଷ୍ଠାନର କଥା ଦୋହରାଇଛି ବିଜେଡି । ବାଚସ୍ପତିଙ୍କ ନିଷ୍ପତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ ଦେବାକୁ ଘୋଷଣା କରିଛି ବିଜୁ ଜନତା ଦଳ । ସେପଟେ ବିଜେପି କହିଛି ରାଜ୍ୟସଭା ନିର୍ବାଚନ ପାଇଁ ଲାଗେନି ଦଳୀୟ ହ୍ୱିପ୍ । ବିବେକାନୁମୋଦିତ ଭୋଟ ଦେଇ ପାରିବେ ଯେକୌଣସି ବିଧାୟକ । ମୌସୁମୀ ଅଧିବେଶନ ପୂର୍ବରୁ ପୁଣି ଥରେ ଚର୍ଚ୍ଚାକୁ ଫେରିଛି ରାଜ୍ୟସଭା ନିର୍ବାଚନ କ୍ରସ ଭୋଟିଂ ପ୍ରସଙ୍ଗ । ଗତ ମାର୍ଚ୍ଚ ୧୬ ତାରିଖରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୮ ବିଧାୟକଙ୍କ ବିରୋଧରେ ଏବେ ହାଇକୋର୍ଟ ଯିବ ବିଜେଡି । ସେମାନଙ୍କ ବିଧାୟକ ପଦ ରଦ୍ଦ କରିବାକୁ ପ୍ରଥମେ ବିଜେଡି ବାଚସ୍ପତିଙ୍କ ନିକଟରେ ଫେରାଦ ହୋଇଥିଲା । ହେଲେ ଟେକ୍ନିକାଲ ଗ୍ରାଉଣ୍ଡ ଦେଖାଇ ବାଚସ୍ପତି ସୁରମା ପାଢ଼ୀ ସେମାନଙ୍କ ପିଟିସନ୍‌କୁ ଖାରଜ କରିଦେଇଥିଲେ । ଏବେ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯିବାକୁ ପୁଣି କହିଛି ବିଜେଡି । ସେପଟେ ବିଜେପି କଟାକ୍ଷ କରି କହିଛି ବିଜେଡି ରାଜ୍ୟସଭା ନିର୍ବାଚନବେଳେ ନିଜ ବିଧାୟକଙ୍କ ସହ ଆଲୋଚନା ନକରି ପ୍ରାର୍ଥୀ ଚୟନ କଲେ । ତେଣୁ ବିଧାୟକମାନେ ନିଜ ନିଜ ଇଚ୍ଛାରେ ଭୋଟ୍ ଦେଲେ । ରାଜ୍ୟସଭା ନିର୍ବାଚନ ପାଇଁ ବିବେକାନୁମୋଦିତ ଭୋଟ୍ ହୁଏ । ଏଥିପାଇଁ ଦଳୀୟ ହ୍ୱିପ୍ ଲାଗୁ ହୁଏ ନାହିଁ । ଅନ୍ୟପଟେ ବିଜେଡିର ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର କହିଛନ୍ତି, ସେ ଆଇନ ଅନୁଯାୟୀ ଭୋଟ୍ ଦେଇଥିଲେ । ଏଥିରେ ତାଙ୍କର କୌଣସି ସମସ୍ୟା ହେବନି । ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ କ୍ରସ ଭୋଟିଂ କରିଥିଲେ । ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଦଳବିରୋଧୀ ଦର୍ଶାଇ ବାଚସ୍ପତିଙ୍କ ନିକଟରେ ଫେରାଦ ହୋଇଥିଲେ ଉଭୟ ଦଳ । କିନ୍ତୁ ବାଚସ୍ପତି ସେମାନଙ୍କ ଆବେଦନକୁ ଖାରଜ କରିବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଘୋଷଣା କରିଥିଲେ । ହେଲେ, ଏହା ଭିତରେ ୫ମାସ ବିତି ଯାଇଥିଲେ ବି କେହି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ପଛଘୁଂଚା ଦେଉଥିବା ଚର୍ଚ୍ଚା ହେଉଛି ।

# ଭୂକମ୍ପରେ ଥରି ଉଠିଲା ତିବ୍ବତ, ତୀବ୍ରତା ୩.୭

ନୂଆଦିଲ୍ଲୀ, ୧୧/୯ (ନ୍ୟୁ.ଏ): ଭାରତରେ ମଧ୍ୟରାତ୍ରିରେ ହଠାତ୍ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଦେଶର ବିଭିନ୍ନ ରାଜ୍ୟ ସହିତ ପଡ଼ୋଶୀ ଦେଶଗୁଡ଼ିକରେ ମଧ୍ୟ ଏକାସାଙ୍ଗରେ ଭୂକମ୍ପ ମାପ କରାଯାଇଛି । ଶୁକ୍ରବାର ରାତିରେ ସର୍ବପ୍ରଥମେ ଲେହ-ଲଦାଖରେ ଭୂକମ୍ପ ଅନୁଭୂତ ହେବା ପରେ ଆସାମ ଏବଂ ପଶ୍ଚିମବଙ୍ଗରେ ମଧ୍ୟ ଭୂକମ୍ପର କମ୍ପନ ଅନୁଭୂତ ହୋଇଛି । ଏହା ବ୍ୟତୀତ ପଡ଼ୋଶୀ ଦେଶ ତିବ୍ବତ ଓ ଆଫଗାନିସ୍ତାନରେ ମଧ୍ୟ ଭୂକମ୍ପ ରେକର୍ଡ କରାଯାଇଛି । ସର୍ବପ୍ରଥମେ କେନ୍ଦ୍ରଶାସିତ ଅଂଚଳ ଲଦାଖର ଲେହଠାରେ ରାତି ପ୍ରାୟ ୧୨ଟା ୨୭ ମିନିଟ୍ ସମୟରେ ଭୂକମ୍ପ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୭ ରହିଥିବାବେଳେ ଏହାର ଗଭୀରତା ଭୂମିଠାରୁ ପ୍ରାୟ ୧୨ କିଲୋମିଟର ଥିଲା । ଏହି ହଠାତ୍ କମ୍ପନ ଯୋଗୁଁ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଏବଂ ଭୟଭୀତ ହୋଇ ଲୋକେ ଘରୁ ବାହାରକୁ ଦୌଡ଼ି ଆସିଥିଲେ । ଏହାର କିଛି ସମୟ ପରେ, ଅର୍ଥାତ୍ ଶୁକ୍ରବାର ଭୋର ପ୍ରାୟ ୧ଟା ୨୦ ମିନିଟ୍‌ରେ ଆସାମରେ ୩.୧ ପ୍ରବଳତାର ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ଗଭୀରତା ପ୍ରାୟ ୩୯ କିଲୋମିଟର ଥିଲା । ସେହିପରି ପଶ୍ଚିମବଙ୍ଗର ଆଲିପୁରଦ୍ୱାରରେ ମଧ୍ୟ ୩.୦ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିଲା । ଭାରତୀୟ ସୀମା ବାହାରେ ମଧ୍ୟ ଭୂକମ୍ପର ପ୍ରଭାବ ଦେଖିବାକୁ ମିଳିଛି । ଶୁକ୍ରବାର ଭୋର ପ୍ରାୟ ୪ଟା ୨ ମିନିଟ୍ ସମୟରେ ତିବ୍ବତରେ ୪.୭ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଆସିଥିଲା, ଯାହାର ଗଭୀରତା ପ୍ରାୟ ୩୦ କିଲୋମିଟର ଥିଲା । ଏହାର ପ୍ରାୟ ୧୮ ମିନିଟ୍ ପରେ ଅର୍ଥାତ୍ ସକାଳ ୪ଟା ୨୦ ମିନିଟ୍‌ରେ ଆଫଗାନିସ୍ତାନରେ ମଧ୍ୟ ୩.୫ ତୀବ୍ରତାର ଭୂକମ୍ପ ରେକର୍ଡ ହୋଇଛି । ଏହାର ଗଭୀରତା ଅଧିକ ଅର୍ଥାତ୍ ପ୍ରାୟ ୧୬୩ କିଲୋମିଟର ଥିଲା । ଲଗାତାର ବିଭିନ୍ନ ସ୍ଥାନରେ ଭୂକମ୍ପ ହେବା କାରଣରୁ ସାଧାରଣରେ ଭୟ ଓ ଆଶଙ୍କାର ବାତାବରଣ ସୃଷ୍ଟି ହୋଇଛି । ତେବେ ଆଶ୍ୱସ୍ତିର କଥା ଏ ଯେ, ଏପର୍ଯ୍ୟନ୍ତ ଏହି ସମସ୍ତ ଭୂକମ୍ପ ଯୋଗୁଁ କୌଣସି ପ୍ରକାରର କ୍ଷୟକ୍ଷତି କିମ୍ବା ଜୀବନହାନି ହୋଇଥିବା ନେଇ କୌଣସି ସୂଚନା ମିଳିନାହିଁ ।



# ଓଡ଼ିଶାରେ ଆଗେଇପାରୁନି ଜଳସେଚନ ପ୍ରକଳ୍ପ

ଭୁବନେଶ୍ୱର, ୧୧/୯ (ଆ.ପ୍ର) : ଓଡ଼ିଶାର ଜଳସେଚନ ପ୍ରକଳ୍ପରେ କେଉଁଠି ଅଟକିଛି ଅନୁମୋଦନ ? କେଉଁଠି ଅଟକିଛି କାମ ? ଆଉ କେଉଁଠି ରହିଛି ଅନ୍ତଃରାଜ୍ୟ ବିବାଦ? କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପୂର୍ବରୁ ଏବେ ଏହାର ପୂରା ହିସାବ ମାଗିଛନ୍ତି ରାଜ୍ୟ ସରକାର । ୯ଟି ପ୍ରମୁଖ ପ୍ରକଳ୍ପର ଅପଡେଟ୍ ତଥ୍ୟ ମାଗିଛି ଜଳସମ୍ପଦ ବିଭାଗ । ମହାନଦୀ, ବଂଶଧାରା, ସୁବର୍ଣ୍ଣରେଖା । ଏହି ନଦୀର ଅବବାହିକାରେ ଅଟକିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ କେନ୍ଦ୍ର ଆଗରେ ଦାବି ରଖିବ ଓଡ଼ିଶା ସରକାର । ବିବାଦ ପାଇଁ ରାଜ୍ୟ ସରକାରଙ୍କ ଅନେକ ଗୁଡ଼ିଏ ଜଳ ପ୍ରକଳ୍ପ ଅଟକିକି ରହିଛି । କେଉଁଠି ଅନୁମୋଦନର ଅପେକ୍ଷା, ତ କେଉଁଠି ଅନ୍ତଃରାଜ୍ୟ ବିବାଦରେ ଫଶି ପ୍ରକଳ୍ପ କାମ ଆଗକୁ ବଢ଼ିପାରୁନି । ଏହି ସବୁ ପ୍ରକଳ୍ପରେ ବର୍ତ୍ତମାନର ସ୍ଥିତି କଣ ରହିଛି ତାର ରିପୋର୍ଟ ମାଗିଛି ଜଳସମ୍ପଦ ବିଭାଗ । ୯ଟି ପ୍ରମୁଖ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି, ଏପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ, ଅଟକିବାର କାରଣ, ଆବଶ୍ୟକ ହସ୍ତକ୍ଷେପ ଓ ଆଗାମୀ କାର୍ଯ୍ୟପନ୍ଥାର ରିପୋର୍ଟ ଶୀଘ୍ର ଦେବା ପାଇଁ ନିର୍ଦ୍ଦେଶ ଦେଇଛି ଜଳ ସମ୍ପଦ ବିଭାଗ । ତେଣୁ କେନ୍ଦ୍ର ସହ ଆଲୋଚନା ପୂର୍ବରୁ ଏବେ ତଥ୍ୟ ଯୋଗାଡ଼ କରୁଛି ରାଜ୍ୟ । କେଉଁ ପ୍ରକଳ୍ପ କେଉଁଠି ଅଟକିଛି ? କିଏ ଅଟକାଇଛି ? କେଉଁଠି ଆବଶ୍ୟକ କେନ୍ଦ୍ରର ହସ୍ତକ୍ଷେପ ? ସବୁର ତାଲିକା ପ୍ରସ୍ତୁତ ହେଉଛି । ତେଲ ନଦୀ ସମନ୍ୱିତ ବହୁମୁଖୀ ପ୍ରକଳ୍ପଠାରୁ ଆରମ୍ଭ କରି ତେଲିଜୋର, ଲକ୍ଷ୍ମୀପଥର, କଟାଙ୍ଗି, ଅପର ଉଦନ୍ତୀ, ଲୋୟର ଉଦନ୍ତୀ, ସତିଘାଟ, ଖଡ଼ଗୋ ଓ କଳା ବ୍ୟାରେଜ୍ ? ଏହି ପ୍ରକଳ୍ପଗୁଡ଼ିକରୁ ଅଧିକାଂଶ ମହାନଦୀ ବେସିନ୍ ? ସହ ଜଡ଼ିତ । କେତେକ ପ୍ରକଳ୍ପର ଡିପିଆର କିମ୍ବା ଫିଜିବିଲିଟି ରିପୋର୍ଟ କେନ୍ଦ୍ରୀୟ ଜଳ ଆୟୋଗରେ ଦାଖଲ ହୋଇଥିଲେ ମଧ୍ୟ ଆନ୍ତଃରାଜ୍ୟ ପ୍ରସଙ୍ଗ ଓ ମହାନଦୀ ଜଳ ବିବାଦ ଯୋଗୁଁ ପ୍ରକ୍ରିୟା ଆଗକୁ ବଢ଼ିପାରିନି । କେବଳ ମହାନଦୀ ନୁହେଁ ବଂଶଧାରା ଓ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ଅନେକ ପ୍ରକଳ୍ପ ବି ଅଟକି ରହିଛି । ଯାହାଫଳରେ ପ୍ରଭାବିତ ହେଉଛି ଓଡ଼ିଶାର ଜଳ ପରିଚାଳନା ବ୍ୟବସ୍ଥା । ଏବେ କେନ୍ଦ୍ର ଦରବାରରେ ଓଡ଼ିଶାର ଜଳ ପ୍ରକଳ୍ପର ପୂରା ହିସାବ ରଖିବାକୁ ପ୍ରସ୍ତୁତ ରାଜ୍ୟ ସରକାର । ଦେଖାଯାଉ କେବେ ସୁଦ୍ଧା ସମସ୍ୟାର ସମାଧାନ ହେଇପାରୁଛି ।

# ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ, ଗ୍ରାହକ ହନ୍ତସନ୍ତ

ଭୁବନେଶ୍ୱର, ୧୧/୯ (ଆ.ପ୍ର) : ବ୍ୟାଙ୍କ କାମ ବାକି ରଖିଛନ୍ତି କି ? ଯଦି ରଖିଛନ୍ତି ତାହେଲେ ଅଡୁଆରେ ପଡ଼ିପାରନ୍ତି । କାରଣ ଆଜିକୁ ମିଶାଇ ୫ଦିନ ପର୍ଯ୍ୟନ୍ତ ଖୋଲିବନି ବ୍ୟାଙ୍କ । ଠପ୍ ହୋଇଯିବ ବ୍ୟାଙ୍କିଙ୍ଗ୍ ସେବା ।ଆଜି ବିଭିନ୍ନ ଦାବି ନେଇ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଛନ୍ତି । ଏହାର ପ୍ରଭାବ ଗ୍ରାହକଙ୍କ ଉପରେ ସିଧାସଳଖ ପଡ଼ିଛି । ପାର୍ବଣବେଳେ ବ୍ୟାଙ୍କ ବନ୍ଦର ପ୍ରଭାବ ଆହୁରି ଅଧିକ ହେବା ନେଇ ଆଶଙ୍କା କରାଯାଉଛି । ପାର୍ବଣ ପାଇଁ ସଜେଇ ହେଲାଣି ଗାଁ ଠୁ ସହର । ଗଣେଶ ପୂଜା, ନୂଆଁଖାଇ ପାଇଁ ଲୋକେ କିଣାକିଣିରେ ବ୍ୟସ୍ତ । ଏତିକିବେଳେ ଅଡୁଆ ବଢ଼ାଇଛି ବ୍ୟାଙ୍କ । ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦିନିକିଆ ଧର୍ମଘଟ ଡାକରାରେ ବନ୍ଦ ରହିଛି ବ୍ୟାଙ୍କ୍ । ପାଂଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ ସ୍କିମ୍‌କୁ ନେଇ ମତଭେଦ, ପେନସନ୍ ସମେତ ଅନ୍ୟାନ୍ୟ ପିଛିଲା ଦାବି ପୂରଣ ପାଇଁ ଧର୍ମଘଟକୁ ଓହ୍ଲାଇଛନ୍ତି ବ୍ୟାଙ୍କ କର୍ମଚାରୀ । ସଂଘର ଡାକରାରେ ରାଜ୍ୟର ପ୍ରାୟ ୭୦ ହଜାର କର୍ମଚାରୀ ସାମିଲ ହେବା ପରେ ବିଗିଡି ଯାଇଛି ସ୍ଥିତି । ଯାହାଫଳରେ ପ୍ରଭାବିତ ହୋଇଛି ଅର୍ଥନୀତି ଓ ହନ୍ତସନ୍ତ ହୋଇଛନ୍ତି ଗ୍ରାହକ । ଶୁକ୍ରବାର ଧର୍ମଘଟ, ଆସନ୍ତାକାଲି ମାସର ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ । ସୋମବାର ଗଣେଶ ପୂଜା ଓ ମଙ୍ଗଳବାର ନୂଆଁଖାଇ ଛୁଟି । ଅର୍ଥାତ ଆଜିକୁ ମିଶାଇ ମୋଟ ୫ଦିନ ବ୍ୟାଙ୍କ ସେବା ବନ୍ଦ ରହିବ । ଯାହାଫଳରେ ଶାଖାରେ ଚେକ୍ କ୍ଲିୟରାନ୍ସ, ଟଙ୍କା ଜମା, ଉଠାଣ ସହ ଅନ୍ୟାନ୍ୟ ସେବା ପ୍ରଭାବିତ ହେବ ।

# 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ରେ ମିଳିବ ୧୪ଟି ପୁଲିସ ସେବା

ଭୁବନେଶ୍ୱର, ୧୧/୯ (ଆ.ପ୍ର) : ଏଣିକି ଥାନାକୁ ଯିବା ଦରକାର ନାହିଁ, WhatsAppରେ ମିଳିବ ୧୪ ପୋଲିସ ସେବା ।ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ । ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡ଼ିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି । ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ ବୋଲି ପୋଲିସ୍ ଡିଜି ବିନୟତୋଷ ମିଶ୍ର କହିଛନ୍ତି । ଭୁବନେଶ୍ୱରର ଡିଜିପି କ୍ୟାମ୍ପ ଅଫିସରେ ଏହି ସେବାର ଶୁଭାରମ୍ଭ କରିଛନ୍ତି ପୋଲିସ୍ ଡିଜି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ଡିସେମ୍ବର ୨୦୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ର ଶୁଭାରମ୍ଭ କରିଥିଲେ । ଏହା ମାଧ୍ୟମରେ ବିଭିନ୍ନ ସରକାରୀ ସେବା ଲୋକଙ୍କ ନିକଟରେ ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ସରକାରଙ୍କ Centre for Modernizing Government Initiative (CMGI), State Crime Records Bureau (SCRB), ଓଡ଼ିଶା ପୋଲିସ ଏବଂ Meta India (WhatsApp)ର ସହଭାଗିତାରେ 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଜନସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ବିକଶିତ କରାଯାଇଛି । ଓଡ଼ିଶା ସରକାରଙ୍କ ନାଗରିକ-କେନ୍ଦ୍ରିକ ଡିଜିଟାଲ୍ ସୁଶାସନ ପଦକ୍ଷେପ ଅଧୀନରେ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'ରେ ଏହି ସେବାଗୁଡ଼ିକୁ ଯୋଡ଼ାଯାଇଛି । ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (SCRB), ଓଡ଼ିଶା ପୋଲିସ ପକ୍ଷରୁ ଏଥିପାଇଁ ଆବଶ୍ୟକୀୟ ବୈଷୟିକ ସମନ୍ୱୟ ସମ୍ପୂର୍ଣ୍ଣ କରାଯାଇଛି । ସୁଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଡିଜିଟାଲ୍ ସୁଶାସନ ପଦକ୍ଷେପର ପରିସରରେ ଏହି ସେବାକୁ ସାମିଲ କରାଯାଇଛି । ଏହା ମାଧ୍ୟମରେ ପୋଲିସ ସେବାକୁ ନାଗରିକଙ୍କ ହାତ ପାହାନ୍ତାରେ ପହଂଚାଇବା ଲକ୍ଷ୍ୟ ରହିଛି । 'ଆମ ସାଥୀ' ହେଉଛି ଓଡ଼ିଶା ସରକାରଙ୍କ ୨୪x୭ ଡିଜିଟାଲ୍ ସହାୟକ ବ୍ୟବସ୍ଥା । ହ୍ୱାଟ୍ସଆପ୍ ମାଧ୍ୟମରେ ଏଥିରେ ବିଭିନ୍ନ ସରକାରୀ ସେବା ସହଜରେ ଉପଲବ୍ଧ ହେଉଛି । ଗୃହ ବିଭାଗର ୟୁନିଫାଏଡ୍ ପ୍ଲାଟଫର୍ମର ORTPSA ଅଧୀନରେ ୧୪ଟି ପୋଲିସ-ନାଗରିକ ସେବା ଏବେ 'ଆମ ସାଥୀ' ସହ ସମନ୍ୱିତ ହୋଇଛି ।



